# ପିଲାମାନଙ୍କ ପାଇଁ ବାଇବଲ

ଉପହାର





# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus
Alastair Paterson

ଉପଯୋଜକ: M. Maillot; Tammy S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ନୋହ ଜଣେ ବ୍ୟକ୍ତି, ଯିଏ ସଦାପ୍ରଭୁଙ୍କ
ଆରାଧନା କରୁଥିଲେ । ପ୍ରତ୍ୟେକ
ମନୁଷ୍ୟ ପରମେଶ୍ୱରଙ୍କୁ ଘୃଣା ଓ
ଅମାନ୍ୟ କଲେ । ଦିନେ, ପରମେଶ୍ୱର
ଏକ ଭୟଙ୍କର ବିଷୟ କହିଲେ ।
ପରମେଶ୍ୱର ନୋହଙ୍କୁ
କହିଲେ । ମୁଁ ଏହି
ପାପିଷ୍ଠ
ଜଗତତକୁ
ବିନାଶ କରିବି ।
କେବଳ
ତୁମ୍ଭର ପରିବାର
ହିଁ ମହା ପ୍ରଳୟ
ଜଳପ୍ଲାବନରୁ
ଉଦ୍ଧାର ପାଇବ ।

ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ କହିଲେ,
ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ ଘୋଡ଼ାଇବ ।
ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ଆଦେଶ କରି କହିଲେ
ତୁମ୍ଭେ କାଠରେ ଏକ ବଡ଼ ଜାହାଜ ନିର୍ମାଣ କର ଯେଉଁଥିରେ
ତୁମ୍ଭର ପରିବାର ଓ ଅନେକ ପଶୁ, ପକ୍ଷୀ ଗୁଡ଼ିକ ବାସ
କରିପାରିବେ । ଆଉ ସଦାପ୍ରଭୁ ସଠିକ ଭାବରେ ନୋହଙ୍କୁ
ଶିକ୍ଷାପ୍ରଦାନ କଲେ ।

ତହିଁରେ ନୋହ
କାର୍ଯରେ ବ୍ୟସ୍ତ
ହେଲେ ।





ଲୋକମାନେ ନୋହଙ୍କୁ ପରିହାସ
କରିଥାଇ ପାରନ୍ତି, ମାତ୍ର ସେ
ଲୋକମାନଙ୍କୁ ବ୍ୟାଖ୍ୟା
କରି କହୁଥିଲେ ଯେ
ସେ କଣପାଇଁ
ଜାହାଜ
ନିର୍ମାଣ
କରୁଛନ୍ତି । ନୋହ
ସେ ପ୍ରକାରେ ଜାହାଜ
ନିର୍ମାଣ କରିଚାଲିଲେ ।
ନୋହ ମଧ୍ୟ ସଦାପ୍ରଭୁଙ୍କ
ବିଷୟରେ ଲୋକମାନଙ୍କୁ
କହିଚାଲିଲେ । ଆଉ କେହି ମଧ୍ୟ
ନୋହଙ୍କୁ ଶୁଣିଲେ ନାହିଁ ।

ନୋହଙ୍କର ବଡ଼ ବିଶ୍ୱାସ
ଥିଲା । ଯଦିବା ପୁର୍ବରୁ
କେବେହେଁ ବୃଷ୍ଟିପାତ
ହୋଇନଥିଲା ତଥାପି ସେ
ପରମେଶ୍ୱରଙ୍କୁ ବିଶ୍ୱାସ କଲେ ।
ଅନ୍ୟାନ୍ୟ ଆବଶ୍ୟକତାମାନ
ଭର୍ତ୍ତି କରିବାକୁ ଜାହାଜ ଶିଘ୍ର
ପ୍ରସ୍ତୁତ ହେଲା ।



ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ । ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ ଶୁଚି ପଶୁ ଜାତିର ସାତ ଦ ତିକୁ ଆଣିଲେ, ଅନ୍ୟାନ୍ୟରୁ କେବଳ ଦୁଇଟି ।

ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ ଅସିଗଲେ ।




ଏହାହୋଇପାରେ ଲୋକମାନେ ନୋହଙ୍କୁ ପରିହାସ ଓ ଅପମାନ
କରିଥିବେ, ଯେତେବେଳେ ନୋହ ସର୍ବପ୍ରକାର ଜୀବଜନ୍ତୁ
ଯୋଡ଼ା ଯୋଡ଼ା ଦ ତିକ୍ରମେ ଜାହାଜରେ ଭର୍ତ୍ତି କଲେ ।
ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିବା
ବନ୍ଦ କଲେ ନାହିଁ । ଏବଂ ଜାହାଜରେ ପ୍ରବେଶ
କରିବାକୁ ମଧ୍ୟ ସେମାନେ ନୋହଙ୍କୁ
ପଚ଼ାରିଲେ ନାହିଁ ।






ଅନ୍ତିମରେ, ଅନେକ ପ୍ରକାର ପଶୁ
ପକ୍ଷୀମାନେ ଜାହାଜ ଭିତରକୁ
ଆସିଲେ । ଜାହାଜ
ଭିତରକୁ ଆସିବାକୁ,
ପରମେଶ୍ୱର
ନୋହଙ୍କୁ ଆମନ୍ତ୍ରଣ
କଲେ । ତୁମ୍ଭେ ଏବଂ
ତମ୍ଭର ପରିବାର । ।
ନୋହ ଏବଂ ତାଙ୍କରି ଭାର୍ଯ୍ୟା,
ତାଙ୍କର ତିନିପୁତ୍ର, ପୁଣି ସେମାନଙ୍କ
ସହିତ ସେମାନଙ୍କର ଭାର୍ଯ୍ୟା ଜାହାଜରେ
ପ୍ରବେଶ କଲେ । ତହିଁରେ ଅନନ୍ତର
ସଦାପ୍ରଭୁ ପରମେଶ୍ୱର ପାର୍ଶଦ୍ୱାର ବନ୍ଦ କଲେ ।



ସେତେବେଳେ ବୃଷ୍ଟିପାତ
ହେଲା । ଅନନ୍ତର ଚ଼ାଲିଶ ଦିନ
ଏବଂ ରାତ୍ରି ଅତ୍ୟାଧିକ ବୃଷ୍ଟିପାତ
ହୋଇ ପୃଥିବୀକୁ ସୂର୍ଣ୍ଣଭାବେ
ଓଦା କରିଦେଲା ।



ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୁତ ହେଲା । ଯେତେବେଳେ ବୃଷ୍ଟିପାତ
ଥମିଗଲା, ସେହି ସମୟରେ ଉଚ୍ଚତମ ପାହାଡ଼
ଗୁଡ଼ିକ ସୁଧା ପାଣି ଭିତରେ ବୁଡ଼ିଥିଲେ । ନିଶ୍ୱାସ
ପ୍ରଶ୍ୱାସ ଧାରି ସମସ୍ତଙ୍କର ମୃତ୍ୟୁ ହେଲା ।

ଯେପରି ଜଳ ବୃଦ୍ଧି ପାଇଲା, ଜାହାଜ ପାଣି ଉପରେ ଭାସିଲା । ଏହାର ଭିତର ପାର୍ଶ୍ୱ ଅନ୍ଧକାର, ବୋଧହୁଏ ଧକଚକିଆ ଓ ଭୟାବହ ହୋଇ ଥାଇପାରେ । କିନ୍ତୁ ନୋହଙ୍କ ଆଶ୍ରୟ ସ୍ଥାନ ବନ୍ୟାରୁ ନିରାପଦ ଥିଲା ।





ଜଳ ପ୍ଲାବନର ପାଞ୍ଚମାସ ପରେ, ସଦାପ୍ରଭୁ
ପରମେଶ୍ୱର ସୁଖିଲା ବାୟୁ ବୁହାଇଲେ, ତହିଁରେ ଜଳ
ଥମିଗଲା, ପୁଣି ଆରାରୋଟ ପର୍ବତ ଉପରେ ଜାହାଜ
ରହିଗଲା । ଯେପର୍ଯ୍ୟନ୍ତ ଜଳର ହ୍ରାସ ପାଇଲା
ନାହିଁ । ନୋହ ଅନନ୍ତର ଚାଳିଶ ଦିନ
ପର୍ଯ୍ୟନ୍ତ ଜାହାଜ
ଭିତରେ
ରହିଲେ ।

ନୋହ ଗୋଟିଏ ଝରକା ଖୋଲି ଏକ ଡାମରା କାଉ ଓ କାଯ୍ତାକୁ ବାହାରକୁ ଉଡ଼ାଇ ଦେଲେ । ସେତେବେଳେ ପୃଥିବୀ ଜଳଛାଦିତ ଥିବାରୁ କାଯ୍ତା ଆପଣା ପାଦ ରଖିବାକୁ ସ୍ଥାନ ନ ପାଇ ଜାହାଜକୁ ନେଉଟି ଆସିଲା ।



ଆଉ ସାତ ଦିନ ବଲମ୍ବ
କଲା ଉତ୍ତାରେ ସେହି କାପ୍ତାକୁ
ପୁନର୍ବାର ଜାହାଜରୁ ବାହାରକୁ
ଉଡ଼ାଇ ଦେଲେ । ତହିଁରେ କାପ୍ତା
ସଂଧ୍ୟାବେଳେ ତାଙ୍କ ନିକଟକୁ ଫେରି
ଆସିଲା । ଆଉ ଦେଖ, ତାହାର ଢ଼ଞ୍ଚୁରେ
ଜୀତ ବୃକ୍ଷର ନବୀନ ପଲ୍ଲବ ଥିଲା ।
ଆଉ ସାତଦିନ ବଲମ୍ବକରି, ସେହି କାପ୍ତାକୁ
ପୁନର୍ବାର ପଠାଇଲେ, ମାତ୍ର ତାଙ୍କ ନିକଟକୁ ନେଉଟି
ଆସିଲା ନାହିଁ, ତହିଁରେ ନୋହ ବୁଝିଲେ ।


ଅନନ୍ତର ପରମେଶ୍ୱର ନୋହଙ୍କୁ କହିଲେ, ଜାହାଜରୁ ବାହାରକୁ
ଯିବା ସମୟ ହୋଇଅଛି, ପୁଣି ସମସ୍ତ ପରିବାର ମିଳିମିସି
ଜାହାଜରେ ଥିବା ସମସ୍ତ ପଶୁପକ୍ଷୀ ଓ ଭୂଚ଼ର ପ୍ରାଣି,
ଉରୋଗାମି ସବୁ ଜୀବଜନ୍ତୁ
ବାହାରକୁ ଘେନିଯାଅ ।



ନୋହ ନିଶ୍ଚିନ୍ତ ଭାବରେ କୃତଜ୍ଞତା ମନେ କରିଥିବେ । ନୋହ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦି ନିର୍ମାଣ କରି ତାଙ୍କୁ ପୂଜା ଆରାଧନା କଲେ, ଯେଉଁ ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ



ଏବଂ ତାଙ୍କ ପରିବାରକୁ ଭୟାନକ ଜଳପ୍ଲାବନରରୁ ଉଦ୍ଧାର କଲେ ।



ପରମେଶ୍ୱର
ଏକ ଆଶ୍ଚର୍ଯ୍ୟ ଜନକ
ପ୍ରତିଜ୍ଞା ନୋହଙ୍କୁ ପ୍ରଦାନ
କଲେ । ଆଉ ପୁନର୍ବାର
କଦାପି ଆମ୍ଭେ ଏହିପ୍ରକାର
ଜଳପ୍ଲାବନ ଓ ବୃଷ୍ଟିପାତ ଦ୍ୱାରା
ମନୁଷ୍ୟକୁ ତାହାର

ପାପ ନିମନ୍ତେ ବିଚାର
କରିବା ନାହିଁ । ଆଉ
ପରମେଶ୍ୱର ନିଜ ପ୍ରତିଜ୍ଞାକୁ
ସ୍ମରଣ କରିବା ନିମନ୍ତେ ଏକ
ଚିହ୍ନ ଦେଲେ ଯାହା ସପ୍ତରଙ୍ଗ
ଧନୁପରି ଥିଲା ।



ଜଳପ୍ଲାବନ ପରେ ନୋହ
ଓ ତାଙ୍କରି ପରିବାର
ଏକ ନୂତନ ଆରମ୍ଭ ଦେଖିପାରିଲେ ।
ସମୟାନୁକ୍ରମେ ନୋହଙ୍କ ବଂଶର
ଲୋକମାନେ ପୁନର୍ବାର ପୃଥିବୀକୁ
ପରିପୂର୍ଣ୍ଣ କଲେ । ପୃଥିବୀର
ସମସ୍ତ ଦେଶ ଗୁଡ଼ିକ
ନୋହ ଓ

ତାଙ୍କରି ତିନି ସନ୍ତାନ
ମାନଙ୍କ ଠାରୁ ଜାତହେଲେ ।

# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬